# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 November - 2024**

**News Editor : *Itishree Singh Rathaur***

********************************

## ମୁଖ୍ୟ ସମ୍ବାଦ

- ଦେଶର ୧ ଲକ୍ଷ ଯୁବକଙ୍କୁ ରାଜନୀତି ସହ ଯୋଡ଼ିବା ପାଇଁ ସ୍ୱତନ୍ତ୍ର ଅଭିଯାନ କରାଯିବ, ଆକାଶବାଣୀର 'ମନ୍ କି ବାତ୍'ରେ କହିଲେ : ପ୍ରଧାନମନ୍ତ୍ରୀ ।

  - ଅନଲାଇନ ଠକେଇଠାରୁ ସତର୍କ ରହିବା ପାଇଁ ଦେଲେ ପରାମର୍ଶ ।

- ଅତୀତରୁ ଆଜିପର୍ଯ୍ୟନ୍ତ ଓଡ଼ିଶା ଦେଶକୁ ବଳିଷ୍ଠ ନେତୃତ୍ୱ ଦେଇଛି: କହିଲେ ପ୍ରଧାନମନ୍ତ୍ରୀ ।

  - ନୂଆଦିଲ୍ଲୀଠାରେ ଓଡ଼ିଶା ପର୍ବର ସମାପନ ସମାରୋହରେ କଲେ ଯୋଗଦାନ ।

- ସୁନ୍ଦରଗଡ଼ରେ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ ।

  - ୩୧୨ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଏବଂ

- ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ।

*GNR*

# ମନ କି ବାତ୍

ରାଜନୀତିକ ପୃଷ୍ଠଭୂମି ନଥିବା ପରିବାରର ଯୁବକମାନଙ୍କୁ ରାଜନୀତିରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଆକାଶବାଣୀର ମନ କି ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଦେଶର ପ୍ରାୟ ୧ ଲକ୍ଷ ଯୁବକଙ୍କୁ ରାଜନୀତି ସହ ଯୋଡ଼ିବା ପାଇଁ ଆଗାମୀ କିଛିମାସ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯିବ । ଆସନ୍ତାବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳନ ଅବସରରେ ଦିଲ୍ଲୀରେ **ବିକଶିତ ଭାରତ ଯୁବନେତା ବାର୍ତ୍ତାଳାପ** ଶୀର୍ଷକ ଏକ କାର୍ଯ୍ୟକ୍ରମର ଆୟୋଜନ ହେବ । ସ୍ୱାମୀଜୀଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତ୍ୟେକବର୍ଷ ଜାନୁୟାରୀ ୧୨ ତାରିଖକୁ ଦେଶରେ ଯୁବଦିବସ ଭାବେ ପାଳନ କରାଯାଇଥାଏ । ତୃଣମୂଳସ୍ତରରୁ ଚୟନ ହୋଇଥିବା ୨ ହଜାର ଯୁବକ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏହି ଅବସରରେ ଏକାଠି ହେବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଅନ୍‌ଲାଇନ୍ ଠକେଇରୁ ସତର୍କ ରହିବା ପାଇଁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ସଂପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ଏହା ଅଧିକ ସରଳ ହୋଇପାରିଛି ।

ଏନ୍‌ସିସି ଦିବସ ଆଜି ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏନ୍‌ସିସିରେ ବାଳିକା କ୍ୟାଡେଟ୍‌ଙ୍କ ସଂଖ୍ୟା ୪୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏନ୍‌ସିସିକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଏନ୍‌ସିସିରେ ଯୋଗଦେବା ପାଇଁ ପ୍ରଧାମନ୍ତ୍ରୀ ଯୁବପୀଢ଼ୀଙ୍କୁ ଆହ୍ୱାନ ଦେଇଛନ୍ତି।

'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ମାତ୍ର ୫ ମାସ ମଧ୍ୟରେ ଶହେ କୋଟି ଚାରା ରୋପଣ ଉଲ୍ଲେଖନୀୟ କାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବାରୁ ଦେଶବାସୀଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି ।

***Desk***

# ଓଡ଼ିଶା ପର୍ବ-୨୦୨୪

ଅତୀତରୁ ଆଜିପର୍ଯ୍ୟନ୍ତ ଓଡ଼ିଶା ଦେଶକୁ ବଳିଷ୍ଠ ନେତୃତ୍ୱ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ପର୍ବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି। ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ପର୍ବ-୨୦୨୪ରେ ପ୍ରଧାନମନ୍ତ୍ରୀ କହିଛନ୍ତି ବିକଶିତ ଭାରତର ସ୍ୱପ୍ନ ପୂରଣ ନିମନ୍ତେ ଓଡ଼ିଶାର ସାମୁଦ୍ରିକ ଶକ୍ତିର ଭୂମିକା ମହତ୍ତ୍ୱପୂର୍ଣ୍ଣ। କଟକ ବାଲିଯାତ୍ରା ଭାରତ ତଥା ଓଡ଼ିଶାରେ ସାମୁଦ୍ରିକ ସାମର୍ଥ୍ୟର ପ୍ରତୀକ। ଶ୍ରୀ ମୋଦୀ କହିଛନ୍ତି ଅନ୍ୟର ସେବା କରିବା ଓଡ଼ିଶାର ସଂସ୍କୃତି। ଓଡ଼ିଶା ସନ୍ଥ ଏବଂ ବିଦ୍ୱାନଙ୍କ ଭୂମି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O –**

***HS***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ସହାୟତା ରାଶି ଆଜି ସୁନ୍ଦରଗଡ଼ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଦାନ କରିଛନ୍ତି । ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ହଜାରେ କୋଟିରୁ ଊର୍ଦ୍ଧ୍ୱ ସହାୟତା ରାଶି ଦିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ପ୍ରଗତି ଦ୍ୱାରା ଓଡ଼ିଶା ବିକଶିତ ହେବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡରେ ୩୧୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨୮୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ୮୦୮ କୋଟି ୩୦ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟରେ ୬୯୨ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ବିଧାୟକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

***Jharsuguda***

## ବସୁନ୍ଧରା ଯୋଜନା

ବସୁନ୍ଧରା ଯୋଜନାରେ ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ଭୂମିହୀନ ୧୨୦ ପରିବାରଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘରଡିହ, ଜମିପଟ୍ଟା ବଣ୍ଟନ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଓ ଉତ୍କର୍ଷ ଓଡ଼ିଶାର ସ୍ୱପ୍ନ ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ କହିଥିଲେ। ଏଥିପାଇଁ ମହିଳା,

ଯୁବକ, ଚାଷୀ ଓ ଗରିବ ସବୁବର୍ଗଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ ।

***GNR***

## ସଂସଦର ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ନୂଆଦିଲ୍ଲୀଠାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂସଦର ଉଭୟ ସଦନକୁ ସୁରୁଖୁରୁରେ ପରିଚାଳନା ନେଇ ସବୁ ରାଜନୀତିକ ଦଳର ନେତୃବୃନ୍ଦଙ୍କ ସହ ଆଲୋଚନା ହୋଇଛି । ସଂସଦର ଏହି ଅଧିବେଶନ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Desk***

## ସରକାରୀ କ୍ୱାର୍ଟର

ସରକାରୀ କର୍ମଚାରୀଙ୍କୁ ମିଳିଥିବା କ୍ୱାର୍ଟରକୁ ଭଡ଼ାରେ ଲଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି ସରକାରୀ କ୍ୱାର୍ଟରରେ ନ ରହିଲେ କ୍ୱାର୍ଟର ପାଇଥିବା ବ୍ୟକ୍ତି ଏବଂ ଭଡ଼ାଟିଆ ଦୋଷୀ ସାବ୍ୟସ୍ତ ହେବେ । ମନ୍ତ୍ରୀ କହିଛନ୍ତି ଅନେକ କ୍ୱାର୍ଟର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏହାବ୍ୟତୀତ କିଛି କ୍ୱାର୍ଟର ବେଆଇନ ଭାବେ ଦଖଲ ହୋଇଛି । ସାଧାରଣ ପ୍ରଶାସନ ବିଭାଗ ଏ ନେଇ ଏକ ତାଲିକା ପ୍ରସ୍ତୁତ କରୁଛି । ପୁରୁଣା କ୍ୱାର୍ଟରଗୁଡ଼ିକୁ ଭାଙ୍ଗି ନୂଆ କ୍ୱାର୍ଟର ତିଆରି ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Cuttack, Boudh***

## ଏନ୍‌ସିସି

ଦେଶବ୍ୟାପୀ ଆଜି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ବା ଏନ୍‌ସିସି ଡେ ପାଳନ କରାଯାଉଛି। ଏହି ଅବସରରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ସାମରିକ ପ୍ରଶିକ୍ଷଣ କେବଳ ନିଯୁକ୍ତିପ୍ରାପ୍ତ କରିବାର ଏକ ଅବସର ନୁହେଁ ବରଂ ଏହା ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରିବାର ଏକ ମାଧ୍ୟମ। ଉଚ୍ଚଶିକ୍ଷା ବିଭାଗର ସହଭାଗିତାରେ ଆଗାମୀ ଏକବର୍ଷ ମଧ୍ୟରେ ୧୨ ହଜାର ନୂଆ କ୍ୟାଡେଟ୍ ସୃଷ୍ଟି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏନ୍‌ସିସି ଦିବସ ପାଳିତ ହୋଇଛି।

ବୌଦ୍ଧ ସହର ସମେତ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୭୬ତମ ସମର ଶିକ୍ଷାର୍ଥୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏନ୍‌ସିସି ଧ୍ୱଜା ଉତ୍ତୋଳନ ଓ ପ୍ୟାରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

***Puri***

## ନୌସନା ଦିବସ ପାଳନ

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ଆସନ୍ତା ୪ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ନୌସେନା ଦିବସ ପାଳନର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ପୁରୀ ଗସ୍ତ

ଅବସରରେ ରାଷ୍ଟ୍ରପତି ନୌସେନା ଦିବସରେ ଯୋଗଦେବା ସହ ମହାପ୍ରଭୁଙ୍କ ଦର୍ଶନ ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ଓ ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ନେଇ ପୁଲିସ ମହାନିର୍ଦ୍ଦେଶକ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ଖୁରାନିଆ କହିଛନ୍ତି ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସହରରେ ୮୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେହିଭଳି ଭୁବନେଶ୍ୱରରୁ ପୁରୀ ମଧ୍ୟରେ ବ୍ୟାପକ ଟ୍ରାଫିକ ବ୍ୟବସ୍ଥା ସହ ସିସିଟିଭି କ୍ୟାମେରା ଲଗାଯିବ। ଏହି କାର୍ଯ୍ୟକ୍ରମରେ ନୌସେନା ପକ୍ଷରୁ ଯୁଦ୍ଧଜାହାଜ ସମେତ ଏୟାରକ୍ରାଫ୍ଟ ସୋ ଓ କମାଣ୍ଡୋ ଅପରେସନ୍‌ର ପରାକ୍ରମ ପ୍ରଦର୍ଶିତ ହେବ।

***Ganjam***

## କୃଷି ଯନ୍ତ୍ରପାତି ମେଳା

ଗଞ୍ଜାମ ଜିଲ୍ଲା ଅନସ୍କୋ ମିନି ଷ୍ଟାଡିୟମଠାରେ ତିନିଦିନ ଧରି ଚାଲିଥିବା ଛତ୍ରପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ କୃଷି ଓ କୃଷକମାନଙ୍କ ପାଇଁ ରାଜ୍ୟ ସରକାର ଆଣିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

***Bolangir***

## ଯୁବ ଉତ୍ସବ-୨୦୪୭

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ଏବଂ ନେହେରୁ ଯୁବକେନ୍ଦ୍ର ସହାୟତାରେ ବଲାଙ୍ଗୀର ଜିଲ୍ଲା ମହାବିଦ୍ୟାଳୟରେ ଯୁବ ଉତ୍ସବ-୨୦୪୭ ତଥା ପଞ୍ଚପ୍ରାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନ-୨୦୪୭କୁ ବିକଶିତ କରିବା ପାଇଁ ଯୁବଗୋଷ୍ଠୀ ଆଗେଇଆସିବା ଦରକାର ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

***Nayagarh***

## ନୟାଗଡ଼ ଜିଲ୍ଲା ମହୋତ୍ସବ

ନୟାଗଡ଼ ଜିଲ୍ଲା ମହୋତ୍ସବ ନେଇ କୋର୍ କମିଟି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ପୁରୀ ସାଂସଦ ଡକ୍ଟର ସମ୍ବିତ୍ ପାତ୍ର, ନୟାଗଡ଼ ବିଧାୟକ ଅରୁଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲ୍ଲାରେ ଆସନ୍ତା ଡିସେମ୍ବର ୨୪ରୁ ୨୮ ତାରିଖ ୫ ଦିନ ବ୍ୟାପୀ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

***Bhadrak***

## ଜିଲ୍ଲାସ୍ତରୀ ପ୍ରାଣୀ ମତ୍ସ୍ୟ ସମ୍ପଦ ମେଳା

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ପ୍ରାଣୀ ମତ୍ସ୍ୟ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ଜିଲ୍ଲାର ୭ଟି ବ୍ଲକର ପ୍ରାଣୀ ଏବଂ ମତ୍ସ୍ୟ ବିଭାଗର ଶତାଧିକ ଷ୍ଟଲ ସ୍ଥାନ ପାଇଛି।